ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୮, ସଂଖ୍ୟା : ୨୯୭
୯ ଏପ୍ରିଲ୍, ୨୦୨୪ ମଙ୍ଗଳବାର
ଭୁବନେଶ୍ୱର

ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 18, Issue No. : 297
9th April, 2024 Tuesday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

ନୀତି ବାଣୀ

କିଂ କୁଳେନ ବିଶାଳେନ ବିଦ୍ୟାହୀନସ୍ୟ ଦେହିନଃ
ଅକୁଳୀନୋପି ବିଦ୍ୟାବାନ୍ ଦେବୈରପି ସ ପୂଜ୍ୟତେ ।

ଅତି ବିସ୍ତୀର୍ଣ୍ଣ ଓ ଉଚ୍ଚବଂଶରେ ଜାତ ବ୍ୟକ୍ତି ବିଦ୍ୟାହୀନ ହେଲେ ପୂଜା ପାଏ ନାହିଁ, କିନ୍ତୁ ନୀଚକୁଳଜାତ ବ୍ୟକ୍ତି ବିଦ୍ୱାନ ହୋଇଥିଲେ ଦେବତାମାନେ ମଧ୍ୟ ତାକୁ ପୂଜା କରନ୍ତି ।

ପୁଣି ବଢ଼ିଲା ସୁନା ଦର

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ଲଗାତର ଭାବେ ବଢ଼ି ଚାଲିଛି ସୁନା ଦର। ଭାରତରେ ସୁନା ଦର ସବୁ ରେକର୍ଡ ଭାଙ୍ଗିଛି । ୧୦ ଗ୍ରାମ୍ ସୁନାର ଦାମ ଏବେ ୭୧,୦୦୦ ଡେଇଁଛି । ପ୍ରଥମଥର ପାଇଁ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନାର ଦାମ ୭୧,୦୦୦ ଟଙ୍କା ଅତିକ୍ରମ କରିଛି। ଆଜି ସୁନା ମୂଲ୍ୟରେ ୪୦୦ରୁ ଅଧିକ ଟଙ୍କା ବୃଦ୍ଧି ପାଇଛି। ଫଳରେ ଖାଣ୍ଟି ସୁନା ଦାମ୍ ୧୦ ଗ୍ରାମ ପିଛା ୭୧,୬୨୦ ଟଙ୍କାରେ ପହଞ୍ଚିଛି । ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୬୫,୬୫୦ ରହିଛି ।

ସୁନା ସହ ରୁପାର ଚମକ ମଧ୍ୟ ଆଜି ତେଜ ହୋଇଛି । ଏହାର ମଧ୍ୟ ଦାମ ବଢ଼ିଛି । ରୁପାର ଦାମ ୧୦୪୦ରୁ ଅଧିକ ଟଙ୍କା ବୃଦ୍ଧି ପାଇଛି । ଫଳରେ କିଲୋଗ୍ରାମ୍ ପିଛା ରୁପା ଦର ୮୩,୪୦୦ ଟଙ୍କାରେ ପହଞ୍ଚିଛି । ଯାହା ଏହାର ସର୍ବକାଳୀନ ଉଚ୍ଚ ସ୍ତର ।

ତାତିରୁ ସାମାନ୍ୟ ଆଶ୍ୱସ୍ତି

କେତେକ ଜିଲ୍ଲାରେ କାଳବୈଶାଖୀ

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ତାତିରୁ ଆଶ୍ୱସ୍ତି ଦେଇଛି ବର୍ଷା। ଗତକାଲି ବର୍ଷା ପବନ ପରେ ରାଜ୍ୟର ଅଧିକାଂଶ ସ୍ଥାନରେ ଅସହ୍ୟ ଗରମରୁ ତ୍ରାହି ମିଳିଛି । ସାଢେ ୧୧ଟା ସୁଦ୍ଧା ତାପମାତ୍ରା ସବୁ ସ୍ଥାନରେ ୩୫ ଡିଗ୍ରୀ ତଳେ ସୋମବାର ରେକର୍ଡ କରାଯାଇଛି । ଚାନ୍ଦବାଲି ୩୪,ପାରାଦୀପ ୩୩.୬, ପୁରୀ ୩୩.୪, ଗୋପାଳପୁର ୩୩.୨, ଭୁବନେଶ୍ୱର ୩୨.୮,ବାଲେଶ୍ୱର ୩୨.୪, କେନ୍ଦୁଝର ୨୫.୬ ଡିଗ୍ରୀ ରେକର୍ଡ କରାଯାଇଛି।

ଏଥିସହ ଆଜି ସକାଳେ ଟ୍ୱିନ୍ ସିଟି ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଖରାର ପ୍ରକୋପ କମିଛି । ଆଜି ମୟୂରଭଂଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ନୟାଗଡ଼, ସୁବର୍ଣ୍ଣପୁର, କନ୍ଧମାଳ, ଗଂଜାମ, ଗଜପତି, ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାରେ କାଳବୈଶାଖୀ ବର୍ଷା ହୋଇଥିବାର ସୂଚନା ମିଳିଛି । ଏଥିନେଇ ପୂର୍ବରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

ଦଣ୍ଡଯାତ୍ରା : କନ୍ଧମାଳର ବାଲିଗୁଡ଼ାରେ ଏକତ୍ର ୧୩ ଶମ୍ଭୁ ମିଳନର ଅପୂର୍ବ ଦୃଶ୍ୟ । ଫଟୋ : ସଞ୍ଜୟ

ନିର୍ବାଚନ ପୂର୍ବରୁ ବ୍ୟବସାୟୀଙ୍କ ଘରେ ରେଡ୍

ସାଢେ ୫ କୋଟି ଟଙ୍କା ସହ ୩ କେଜି ସୁନା ଜବତ

ବେଲ୍ଲାରୀ, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ସାଧାରଣ ନିର୍ବାଚନ ପୂର୍ବରୁ ଜବତ ହେଲା ଆଖି ଖୋସିଦେବା ପରି ଟଙ୍କା ଓ ସୁନା। ପୁଳା ପୁଳା ଟଙ୍କା ଓ ସୁନା ଦେଖି ପୁଲିସ ତାଜୁବ୍ ହୋଇ ଯାଇଥିବା ବେଳେ ଏହି ମାମଲାରେ ଜଣଙ୍କୁ ବାନ୍ଧିଛି । ଏପରି ଏକ ଘଟଣା କର୍ଣ୍ଣାଟକରେ ବେଲ୍ଲାରୀରେ ଘଟିଛି । ବେଲ୍ଲାରୀର ସୁନା ବ୍ୟବସାୟୀ ନରେଶଙ୍କ ଘରୁ ନଗଦ ୫.୬୦ କୋଟି ଟଙ୍କା, ୩ କେଜି ସୁନା, ୧୦୩ କେଜି ରୁପା ଅଳଙ୍କାର ଓ ୬୮ ରୁପା ପିସ୍ ଜବତ ହୋଇଥିବା ଜଣାଯାଇଛି । ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ନରେଶଙ୍କ ଘରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ସେଠାରୁ ବିପୁଳ ପରିମାଣର ଚାନ୍ଦି, ସୁନା, ଟଙ୍କା ଆଦି ଜବତ ହୋଇଛି । ତେବେ ଏନେଇ କୌଣସି ବୈଧ ଡକ୍ୟୁମେଣ୍ଟ ନରେଶ ଦେଖାଇ ପାରି ନଥିଲେ। ଫଳରେ ତାଙ୍କୁ ପୁଲିସ୍ ଘରୁ ଉଠାଇ ନେଇ ବାନ୍ଧିଥିବା ଜଣାଯାଇଛି । ଏନେଇ ଆୟକର ବିଭାଗକୁ ସୂଚନା ଦିଆଯିବ ବୋଲି ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି ।

ନିର୍ବାଚନ ଲଢ଼ିପାରିବେ ଦିଲୀପ ରାୟ

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ନିର୍ବାଚନ ଲଢ଼ିପାରିବେ ବରିଷ୍ଠ ନେତା ଦିଲୀପ ରାୟ । ଦିଲୀପଙ୍କ ଦଣ୍ଡାଦେଶ ଉପରେ ରହିତାଦେଶ ଦେଲେ ଦିଲ୍ଲୀ ହାଇକୋର୍ଟ । କୋର୍ଟଙ୍କ ରହିତାଦେଶ ପରେ ଦିଲୀପଙ୍କ ନିର୍ବାଚନ ଲଢ଼ିବା ବାଟ ଫିଟିଛି । ମିଳିଥିବା ସୂଚନା ମୁତାବକ ୨୦୨୦ରେ ଦିଲୀପଙ୍କୁ ତଳ କୋର୍ଟ ଦଣ୍ଡାଦେଶ କରିଥିଲେ । ୩ ବର୍ଷ ଜେଲ୍ ଏବଂ ୧୦ ଲକ୍ଷ ଟଙ୍କା ଜରିମାନା କରିଥିଲେ କୋର୍ଟ । ଏହି ଦଣ୍ଡାଦେଶକୁ ଚାଲେଞ୍ଜ କରି ହାଇକୋର୍ଟ ଯାଇଥିଲେ ଦିଲୀପ । ତେବେ କୋର୍ଟ ଆଜି ରହିତାଦେଶ ଲଗାଇଛନ୍ତି । ଉଲ୍ଲେଖ ଥାଉକି ଝାଡ଼ଖଣ୍ଡ କୋଇଲା ଆବଣ୍ଟନ ଅନିୟମିତତା ମାମଲାରେ ତଳ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ୩ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିଲେ ଦିଲୀପ । ଏହାକୁ ନେଇ ସେ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଏହାପରେ ଶୁଣାଣି ହୋଇଥିଲା । ଚଳିତ ନିର୍ବାଚନରେ ଶ୍ରୀ ରାୟ ପ୍ରତିଦ୍ୱନ୍ଦିତା କରିବାକୁ ଚାହୁଁଛନ୍ତି ବୋଲି ତାଙ୍କ ଓକିଲଙ୍କ ପକ୍ଷରୁ ଶୁଣାଣି ସମୟରେ ଖଣ୍ଡପୀଠଙ୍କୁ କହିଥିଲେ ।

ପ୍ରଧାନମନ୍ତ୍ରୀ ନିଜର ଇତିହାସ ଜାଣି ନାହାନ୍ତି

ମୋଦୀଙ୍କ 'ମୁସ୍‌ଲିମ୍ ଲିଗ୍' ବୟାନ ବିରୋଧରେ ଇସିରେ ପହଞ୍ଚିଲା କଂଗ୍ରେସ

ନୂଆଦିଲ୍ଲୀ, ୮।୪ ଏକ୍ସପ୍ରେସ୍ ନ୍ୟୁଜ୍

କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁସଲିମ୍ ଲିଗ୍ ଚିନ୍ତାଧାରା ସହ ତୁଳନା କରିଥିବାରୁ ଏହାକୁ ନେଇ ବିବାଦ ଦେଖିବାକୁ ମିଳିଛି । କଂଗ୍ରେସ ବିଧିବଦ୍ଧ ଭାବେ ଏପରି ବୟାନ ବିରୋଧରେ ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଛି । ମୋଦୀ ଦେଇଥିବା ବୟାନ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କଂଗ୍ରେସ ଦାବି କରିଛି ।

ରାଜସ୍ଥାନର ଆଜମେରରେ ମୋଦୀ ଏପ୍ରିଲ ୬ରେ ଭାଷଣ ଦେଉଥିଲେ। ଏହି ସମୟରେ ସେ କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ମିଛର ଗନ୍ତାଘର ଓ ଏହାର ପ୍ରତିଟି ପୃଷ୍ଠା ଭାରତକୁ ଭାଗ ଭାଗ କରିବା ପାଇଁ ପ୍ରସ୍ତୁତ ହୋଇଛି ବୋଲି ଦାବି କରିଥିଲେ ।

ତେବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏପରି ବୟାନକୁ କଂଗ୍ରେସ ଜୋରଦାର ବିରୋଧ କରିଛି । ଦଳ କହିଛି ଯେ ବିଜେପି ଲୋକସଭା ନିର୍ବାଚନରେ ୧୮୦ ସିଟ୍ ପାର ହେବାକୁ ସଂଘର୍ଷ କରୁଥିବାରୁ ମୋଦୀ ଭୟଭୀତ ହୋଇ ପଡ଼ିଛନ୍ତି । ତେଣୁ ସେ ହିନ୍ଦୁ-ମୁସଲିମ୍ ସଂଳାପ ଆରମ୍ଭ କରି ଦେଇଥିବା ଦଳ ଅଭିଯୋଗ କରିଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ମୋଦୀ-ଶାହଙ୍କ ରାଜନୀତିକ ଓ ବିଚାରଧାରାର ବଂଶଜମାନେ ବ୍ରିଟିଶ୍ ଓ ମୁସଲିମ୍ ଲିଗ୍‌କୁ ସମର୍ଥନ କରିଥିଲେ । ସେମାନେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ ଯାଇ ବ୍ରିଟିଶ୍ ଓ ମୁସଲିମ୍ ଲିଗ୍‌କୁ ସମର୍ଥନ କରୁଥିଲେ।

ଆଜି ବି କଂଗ୍ରେସର ନ୍ୟାୟ ପତ୍ରକୁ ସେମାନେ ମୁସଲିମ୍ ଲିଗ୍ ସହ ଯୋଡ଼ି ସାଧାରଣ ଭାରତୀୟଙ୍କ ଆଶା, ବିଶ୍ୱାସ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନ୍ୟାୟ ପତ୍ର ପ୍ରସ୍ତୁତ କରାଯାଇଥିବା ଖଡ଼୍‌ଗେ କହିଛନ୍ତି । ଏହାପୂର୍ବରୁ କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜର ଇତିହାସ ବୋଧେ ଜାଣି ନାହାନ୍ତି । ଆଉ କେହି ନୁହେଁ, ବରଂ ହିନ୍ଦୁ ମହାସଭାର ସଭାପତି ଶ୍ୟାମା ପ୍ରସାଦ ମୁଖାର୍ଜୀ ହିଁ ବେଙ୍ଗଲରେ ମୁସଲିମ୍ ଲିଗ୍ ସହ ଗଠନ ହୋଇଥିବା ମେଣ୍ଟ ସରକାରରେ ରହିଥିଲେ । କଂଗ୍ରେସ ନୁହେଁ, ବିଜେପି ହିଁ ବିଭେଦତା ରାଜନୀତିରେ ବିଶ୍ୱାସ କରେ ।

ବିଜେଡି ଛାଡ଼ିଲେ ପ୍ରଭାସ ସିଂ

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ବିଜେଡି ଛାଡ଼ିଲେ ବରଗଡ଼ର ପୂର୍ବତନ ସାଂସଦ ପ୍ରଭାସ ସିଂ । ନବୀନ ନିବାସରେ ପହଞ୍ଚି ସେ ତାଙ୍କ ଇସ୍ତଫା ପତ୍ର ଦେଇଛନ୍ତି । ଜିଲ୍ଲା ସଭାପତି ପଦରୁ ତଥା ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି ପ୍ରଭାସ। ୨୦୧୪ରୁ ୨୦୧୯ ଯାଏ ବରଗଡ଼ର ସାଂସଦ ଥିଲେ ପ୍ରଭାସ । ଗତଥର ତାଙ୍କୁ ଟିକେଟ ମିଳିନଥିଲା। ସେ ଟିକେଟ୍ ପାଇଁ ଆଶାୟୀ ଥିଲେ ମଧ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଏଥର ମଧ୍ୟ ସାଂସଦ ଟିକେଟ୍ ପାଇଁ ଆଶାୟୀ ଥିଲେ ପ୍ରଭାସ। ଏଥର ବି ତାଙ୍କୁ ନିରାଶ ହେବାକୁ ପଡ଼ିଲା । ଦଳ ତାଙ୍କୁ ଟିକେଟ ନଦେଇ ପରିଣୀତା ମିଶ୍ରଙ୍କୁ ବରଗଡ଼ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ କରିଛି । ଦୁଇ ଦୁଇ ଥର ନିରାଶ ହେବା ପରେ ପ୍ରଭାସ ଆଜି ଦଳ ଛାଡ଼ିଛନ୍ତି ।

ବିଜେଡି ଛାଡ଼ିବା ପରେ ପ୍ରଭାସ କହିଛନ୍ତି, ଦଳ ଗଠନରେ ଗୁଣ୍ଡୁଚି ମୂଷା ଭଳି ମୋର ଅବଦାନ ଥିଲା। ଦଳ ପାଇଁ ମୁଁ ବହୁତ କାମ କରିଛି । ବିଜେପୁର ଓ ପଦ୍ମପୁର ଉପନିର୍ବାଚନରେ ଦଳ ପାଇଁ କଠିନ ପରିଶ୍ରମ କରିଛି । ବରଗଡ଼ ଜିଲ୍ଲାର ବିକାଶ ପାଇଁ ମୁଁ କାମ କରିଛି । ବିଜେଡିରେ ଯେଉଁ ନୀତି ଏବଂ ଆଦର୍ଶ ଥିଲା, ଏବେ ସେହି ଆଭିମୁଖ୍ୟ ଆଉ ଦଳରେ ନାହିଁ । ଦଳରେ ମୋ' ଭଳି ଉଚ୍ଚ ଶିକ୍ଷିତ ବ୍ୟକ୍ତିର ଆବଶ୍ୟକ ନାହିଁ । ଦଳ ଏବେ ଯେପରି ଭାବେ ଚାଲିଛି ଆମ ଭଳି ଲୋକ ଦଳରେ ଦରକାର ନାହାନ୍ତି । ଏଥିପାଇଁ ଦଳରୁ ମୁଁ ଇସ୍ତଫା ଦେଲି । *(ଶେଷ ପୃଷ୍ଠା ଦେଖନ୍ତୁ)*

ସଞ୍ଜୟଙ୍କ ବିସ୍ଫୋରକ ବୟାନ

କ୍ଷତିରେ ଚାଲିଥିବା ୩୩ କମ୍ପାନୀ ବିଜେପିକୁ ଦେଇଛନ୍ତି ୪୦୦ କୋଟି

ନୂଆଦିଲ୍ଲୀ, ୮।୪ ଏକ୍ସପ୍ରେସ୍ ନ୍ୟୁଜ୍

ଆମ୍ ଆଦମୀ ପାର୍ଟି (ଏଏପି)ର ସାଂସଦ ସଞ୍ଜୟ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ବଡ଼ ଧରଣର ପର୍ଦ୍ଦାଫାଶ୍ କରିଛନ୍ତି । ସେ ଇଲୋକ୍‌ଟ୍ରାଲ୍ ବଣ୍ଡ୍ ମାମଲାରେ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି । ଇଲୋକ୍‌ଟ୍ରାଲ୍ ବଣ୍ଡ୍ ନାମରେ ଶାସକ ବିଜେପି ବଡ଼ ଧରଣର ଦୁର୍ନୀତି କରିଛି । କେତେକ କମ୍ପାନୀଙ୍କୁ କୋଟି କୋଟି ଟଙ୍କାର ଠିକା ପ୍ରଦାନ କରାଯାଇଛି । ତେବେ ସୁପ୍ରିମକୋର୍ଟ ସମଗ୍ର ମାମଲାକୁ ସମସ୍ତଙ୍କ ସମ୍ମୁଖକୁ ଆଣିଛନ୍ତି ।

ସଞ୍ଜୟ କହିଛନ୍ତି ଚାନ୍ଦା ଦେଇଥିବା କମ୍ପାନୀଙ୍କ ମଧ୍ୟରେ ୩୩ ଏଭଳି କମ୍ପାନୀ ଅଛନ୍ତି ଯେଉଁମାନଙ୍କର ଗତ ୭ ବର୍ଷରେ ୧ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି । ତେବେ ଏସବୁ କମ୍ପାନୀ ବିଜେପିକୁ ୪୦୦ କୋଟି ଟଙ୍କାର ଚାନ୍ଦା ପ୍ରଦାନ କରିଛନ୍ତି । ଏସବୁ କମ୍ପାନୀ ଶୂନ ଟିକସ ଦେଇଛନ୍ତି । ଭାରତୀ ଏୟାର ଟେଲ୍ ୨୦୦ କୋଟିର ଚାନ୍ଦା ଦେଇଛି । କିନ୍ତୁ ଏହାର କ୍ଷତି ୭୭ ହଜାର କୋଟି ଟଙ୍କା ହୋଇଛି । କ୍ଷତି ହୋଇଥିଲେ ମଧ୍ୟ କମ୍ପାନୀ ଏହି ଚାନ୍ଦା ଦେଇଛି । ଫଳରେ କମ୍ପାନୀକୁ ୮ ହଜାର ୨୦୦ କୋଟିର ଟିକସ ଛାଡ଼ କରାଯାଇଛି ବୋଲି ସଞ୍ଜୟ କହିଛନ୍ତି ।



ସେହିପରି ଡିଏଲ୍‌ଏଫ୍ ପକ୍ଷରୁ ୨୫ କୋଟିର ଚାନ୍ଦା ବିଜେପିକୁ ଦିଆଯାଇଛି । ଏହି କମ୍ପାନୀ ଗତ ୭ ବର୍ଷରେ ୧୩୦ କୋଟିର କ୍ଷତି ସହିଛି । ଏହି କମ୍ପାନୀକୁ ୨୦ କୋଟିର ଟିକସ ଛାଡ଼ ମିଳିଛି । ସେହିପରି ସେଟିକ୍ ଇଞ୍ଜିନିୟରିଂ ପକ୍ଷରୁ ୧୨ କୋଟିର ଚାନ୍ଦା ବିଜେପିକୁ ମିଳିଛି । ଏହି କମ୍ପାନୀ ୭ ବର୍ଷରେ *(ଶେଷ ପୃଷ୍ଠା ଦେଖନ୍ତୁ)*

ଦୁଇ ଏସ୍‌ପିଙ୍କୁ ବଦଳାଇଲେ ଇସି

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ସୋମବାର ଦିନ ନିର୍ବାଚନ କମିଶନ ବ୍ରହ୍ମପୁର ଏସ୍‌ପି ଓ ଖୋର୍ଦ୍ଧା ଏସ୍‌ପିଙ୍କୁ ବଦଳି କରିଛନ୍ତି । ବ୍ରହ୍ମପୁରର ଏସ୍‌ପି ଭାବେ ଡ଼.ସାର୍ଥକ ଷଡଙ୍ଗୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଖୋର୍ଦ୍ଧା ଏସ୍‌ପି ଭାବେ ଅବିନାଶ କୁମାରଙ୍କୁ ଦାୟିତ୍ୱ ଦିଆଯାଇଛି । ଉଲ୍ଲେଖ ଥାଉକି କିଛିଦିନ ତଳେ ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳ ବଦଳ କରିଥିଲେ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି ହୋଇଥିଲା । ନିର୍ବାଚନ କମିଶନ ରାଜ୍ୟର ୨ଜଣ ଆଇଏଏସ୍ ଓ ୬ଜଣ ଆଇପିଏସ୍ ଅଫିସରଙ୍କୁ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦେବା ପରେ ରାଜ୍ୟ ସରକାର କଟକ ଜିଲ୍ଲାପାଳ ଭିନିତ ଭରଦ୍ୱାଜଙ୍କୁ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ତଥା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିଥିଲେ । ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କୁ ରାଜ୍ୟ ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିଲା । ଭିନିତଙ୍କ ସ୍ଥାନରେ ଆଇଏଏସ୍ ଅରିନ୍ଦମ ଡାକୁଆ ଓ ପାରୁଲଙ୍କ ସ୍ଥାନରେ ଅନୁପମ ଶାହଙ୍କୁ ଯଥାକ୍ରମେ କଟକ ଓ ଜଗତସିଂହପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିଲା ।

ରାଜଧାନୀରେ ଜଣେ ଯୁବତୀଙ୍କୁ ହତ୍ୟା

ଭୁବନେଶ୍ୱର, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ରାଜଧାନୀରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଛି । ଧଉଳି ଥାନା ଲିଙ୍ଗିପୁର ଅଞ୍ଚଳରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଛି । ହତ୍ୟା କରି ଦୁର୍ବୃତ୍ତମାନେ ଯୁବତୀଙ୍କ ଦୟାନଦୀ ପଠାରେ ଫିଙ୍ଗି ଦେଇଛନ୍ତି । ମୃତ ଯୁବତୀ ଗଞ୍ଜାମ ହିଞ୍ଜିଳିକାଟୁର ଭାଗ୍ୟ ଡାକୁଆ। ସେ ଶିଶୁପାଳଗଡ଼ରେ ରହୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

ସୂଚନାନୁଯାୟୀ, ଯୁବତୀ ଜଣକ ୪ ମାସ ତଳେ ନିଜ ପୁରୁଷ ବନ୍ଧୁଙ୍କ ସହ ଘରୁ ପଳାଇ ଆସିଥିଲେ। ଏହି ଘଟଣା ପରେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କ ସହ ୩ ଜଣଙ୍କୁ ପୁଲିସ ଅଟକ ରଖିଛି । ଦୁର୍ବୃତ୍ତମାନେ ମୃତଦେହ ନଷ୍ଟ କରିବାକୁ ଯିବା ବେଳେ ବାଇକ୍‌ରୁ ଖସି ପଡିବାରୁ ଧରାପଡିଛନ୍ତି ।

ବନ୍ଧାହେଲେ ଧୂର୍ତ୍ତ ପ୍ରେମିକ

ଇନ୍‌ଷ୍ଟାରେ ବହୁ ଯୁବତୀଙ୍କଠାରୁ ଲୁଟିଥିଲେ

ରାଉରକେଲା, ୮।୪ : ଏକ୍ସପ୍ରେସ୍ ନ୍ୟୁଜ୍

ନିଜକୁ ଆର୍‌ପିଏଫ୍ ଅଧିକାରୀ କହି ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ୍‌ରେ ଯୁବତୀଙ୍କୁ ପ୍ରେମ ନିବେଦନ କରି ଟଙ୍କା ହଡ଼ପ କରୁଥିବା ଜଣେ ଯୁବକଙ୍କୁ ଗିରଫ କରିଛି ପୁଲିସ । ଗିରଫ ଯୁବକଙ୍କ ନାଁ କଦମ ସଦାଶିବ । ତାଙ୍କ ଘର ତେଲଙ୍ଗାନାର ବୋଲି ଜଣାପଡ଼ିଛି ।

ଇନଷ୍ଟାଗ୍ରାମ୍ ମାଧମରେ ଯୁବତୀମାନଙ୍କୁ ମିଛିମିଛିକା ଭଲ ପାଇବା ପରେ କୌଶଳ କରି ସେମାନଙ୍କଠୁ ଅର୍ଥ ହଡ଼ପ କରୁଥିଲେ କଦମ୍ । ପ୍ରଥମେ ସେ ନିଜକୁ ଜଣେ ଆର୍‌ପିଏଫ୍ ଅଧିକାରୀ ବୋଲି ପରିଚୟ ଦେଇ ଯୁବତୀମାନଙ୍କୁ ନିଜ ପ୍ରେମ ଜାଲରେ ଫସାଉଥିଲେ ଓ ପରେ ବିଭିନ୍ନ ଉପାୟରେ ତାଙ୍କଠାରୁ ଅର୍ଥ ହଡ଼ପ କରୁଥିଲେ । ଗତ କିଛି ବର୍ଷ ହେବ ସେ ଏହି କାମ କରିଆସୁଥିଲେ। ଅନେକ ଯୁବତୀଙ୍କଠାରୁ ଏଭଳି ଢଙ୍ଗରେ ସେ ଅର୍ଥ ହଡ଼ପ କରିବା ନେଇ ପୂର୍ବରୁ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା । ଅଭିଯୋଗ ପାଇବା ପରେ ରାଉରକେଲା *(ଶେଷ ପୃଷ୍ଠା ଦେଖନ୍ତୁ)*

ଦଳଡିଆଁ ନେତାଙ୍କ ଲାଗି ଚିନ୍ତାରେ କର୍ମୀ ଓ ସମର୍ଥକ

ଭୁବନେଶ୍ୱର,୮।୪ : ତଥ୍ୟ

ଦଳ ବଦଳ କରୁଥିବା ନେତାଙ୍କୁ ନେଇ ସେମାନଙ୍କ କର୍ମୀ ଓ ସମର୍ଥକମାନେ ଅକଳରେ ପଡୁଛନ୍ତି । ବିଶେଷକରି ଦଳବଦଳ ପରେ ଟିକଟ ପାଉନଥିବା ଏବଂ ନିର୍ବାଚନମଣ୍ଡଳୀ ବଦଳାଇ ଦେଉଥିବା ନେତାଙ୍କ କର୍ମୀମାନେ ଅଧିକ ସମସ୍ୟା ଭୋଗୁଛନ୍ତି । ରାଜ୍ୟରେ ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ତାରିଖ ଯେତିକି ଯେତିକି ପାଖେଇ ଆସୁଛି ସେତିକି ଜୋରରେ ଦଳ ବଦଳ ଚାଲିଛି । ରାଜ୍ୟର ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସରେ ପ୍ରତିଦିନ ମିଶ୍ରଣପର୍ବ ଅନୁଷ୍ଠିତ ହେଉଛି । ପୂର୍ବତନ ମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ବିଧାୟକ, ସାଂସଦ, ଜିଲ୍ଲା ସ୍ତରର ନେତା ଦଳ ଦଳ ହୋଇ ଅନ୍ୟ ଦଳରେ ଯୋଗ ଦେଉଛନ୍ତି । ତେବେ ଦଳ ବଦଳ କରୁଥିବା ବଡ ବଡ ନେତାଙ୍କ ଲକ୍ଷ୍ୟ ହେଉଛି କୌଣସି ପ୍ରକାରେ ଟିକଟ୍ ପାଇ ନିର୍ବାଚନ ଲଢିବା । ହେଲେ ଦଳ ବଦଳ କରୁଥିବା କିଛି ନେତାଙ୍କୁ ଏଭଳି ସୁଯୋଗ ମିଳୁନାହିଁ । ଯେଉଁମାନେ ସୁଯୋଗ ପାଉଛନ୍ତି ସେମାନଙ୍କୁ ନିର୍ବାଚନମଣ୍ଡଳୀ ବାହାରକୁ ପଠାଇ ଦିଆଯାଉଛି । ଏଭଳି ସ୍ଥଳେ ସେମାନଙ୍କ ସହିତ ମିଶ୍ରଣପର୍ବରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ ଅକଳରେ ପଡୁଥିବା ଲକ୍ଷ୍ୟ କରାଯାଉଛି । ଏଭଳି ଦୁଇଟି ଦୃଶ୍ୟ ଦେଖିବାକୁ ମିଳିଛି ଅବିଭକ୍ତ କଟକ ଜିଲ୍ଲାରେ । ଜଗତସିଂହପୁର ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ବିଜେଡିରେ ଯୋଗ ଦେବାପରେ ତାଙ୍କୁ ତାଙ୍କର ଜଗତସିଂହପୁର ଆସନରୁ ଟିକଟ ମିଳିନାହିଁ । ଫଳରେ ତାଙ୍କ ସହିତ ମିଶ୍ରଣପର୍ବରେ ସାମିଲ ହୋଇଥିବା କଂଗ୍ରେସ କର୍ମୀମାନେ ଏବେ ଚିନ୍ତାରେ । ସେହିଭଳି କଟକ ଜିଲ୍ଲା ବିଜେପି ସଭାପତି ଥିବା ପ୍ରକାଶ ଚନ୍ଦ୍ର ବେହେରା ଦଳ ବଦଳ କରି ବିଜେଡିରେ ଯୋଗ ଦେବାପରେ ତାଙ୍କୁ କଟକ-ବାରବାଟୀ ଆସନରୁ ବିଜେଡି ପ୍ରାର୍ଥୀ କରିଛି । ପ୍ରକାଶ ହେଉଛନ୍ତି ସାଲେପୁରର ପୂର୍ବତନ ବିଧାୟକ । ବର୍ତ୍ତମାନ ପ୍ରକାଶ କଟକ ମୁହାଁ ହେବା ଫଳରେ ସାଲେପୁରରେ ତାଙ୍କ ସହିତ ଥିବା କର୍ମୀମାନେ ହତାଶ ହୋଇଛନ୍ତି । ତେବେ ଯେଉଁସବୁ ନେତାମାନେ ଦଳ ବଦଳ କରିବା ପରେ ନୂଆ ଦଳରୁ ନିଜ ଅଞ୍ଚଳରେ ଟିକଟ ପାଉଛନ୍ତି ସେମାନଙ୍କ କର୍ମୀମାନେ କିନ୍ତୁ ଆଶ୍ୱସ୍ତ । ଏହିସବୁ ନେତାଙ୍କ ମଧ୍ୟରେ ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ଅରବିନ୍ଦ ଢାଲି, ବିଧାୟକ ଅଧିରାଜ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ, ବିଜେପିରୁ ବିଜେଡିକୁ ଆସିଥିବା ଭୃଗୁ ବକ୍ସିପାତ୍ର ପ୍ରମୁଖ ରହିଛନ୍ତି । ଏମାନେ ଦଳ ବଦଳାଇଥିଲେ ସୁଦ୍ଧା ନିଜର ସ୍ଥାନ ବଜାୟ ରଖିଥିବାରୁ ଦୀର୍ଘଦିନ ଧରି ଏମାନଙ୍କ ସହିତ ଥିବା କର୍ମୀମାନେ ଆଶ୍ୱସ୍ତ ଥିବା ଲକ୍ଷ୍ୟ କରାଯାଉଛି । ତେବେ ଦଳ ବଦଳ ପ୍ରକ୍ରିୟା ଏବେ ଜୋରସୋର୍‌ରେ ଚାଲିଥିବା ଏବଂ ତିନି ପ୍ରମୁଖ ଦଳରେ ଅନେକ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହେବାପାଇଁ ଥିବାରୁ ଆଉ କିଛି ଦଳବଦଳ କରୁଥିବା ନେତା ଟିକଟରୁ ବାଦ ପଡିବା କିମ୍ବା ଅନ୍ୟ ସ୍ଥାନରେ ଟିକଟ୍ ପାଇବାର ସମ୍ଭାବନା ରହିଛି । ତେଣୁ ଏଭଳି ଅନେକ ନେତାଙ୍କ ସମର୍ଥକ ଓ କର୍ମୀମାନେ ଏବେ ଆଶା ଓ ଆଶଙ୍କା ଭିତରେ ରହିଛନ୍ତି । ଉଲ୍ଲେଖନୀୟ ଯେ ଏବେ ବି ବିଜେଡି ଗୋଟିଏ ଲୋକସଭା ସହିତ ୩୯ଟି ବିଧାନସଭା, ବିଜେପି ୩୫ଟି ବିଧାନସଭା ଏବଂ କଂଗ୍ରେସ ୧୩ଟି ଲୋକସଭା ସହିତ ୯୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବାର ଅଛି । ଏହି ତିନି *(ଶେଷ ପୃଷ୍ଠା ଦେଖନ୍ତୁ)*